## ସଂକ୍ଷେପରେ

### ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ



ଜୟପୁର, ୧୭।୮ (ନି.ପ୍ର.): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହରି ହରିଜନ (୩୦) ଓ ଟୁନା ନାୟକ (୩୫) । ଉଭୟେ ମଦ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ କର୍ମଚାରୀ ଜଣକୁ ଜୟନଗରଠାରୁ ଗିରଫ କରିଥିଲେ। ସେହିପରି ଦେଶୀ ମଦ ସହରକୁ ଆସୁଥିବା ବେଳେ ଅବକାରି ବିଭାଗ ସହରର ଓ୍ୱେଲକମ ଛକ ନିକଟରେ ଚଢ଼ାଉ କରିଥିଲା। ଅବକାରୀ କର୍ମଚାରୀଙ୍କୁ ଚାଲାଣକାରୀ ବାଇକ ଓ ମଦ ଛାଡି ଫେରାର ହୋଇଯାଇଥିଲେ।

### ୧୫ ବର୍ଷ ଫେରାର ଥିବା ମାଓବାଦୀ ଗିରଫ

ମାଲକାନଗିରି, ୧।୮ (ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ନାରାୟଣପୁରରୁ ୧୫ ବର୍ଷ ଧରି ଫେରାର ଥିବା ଜରେ ମାଓବାଦୀ ଗିରଫ ହୋଇଛନ୍ତି। ତାଙ୍କ ନାମ ସୁଦରାମ ସଲାମ। ମାଓବାଦୀ ସଙ୍ଗଠନରେ ୨୦ ବର୍ଷ ଧରି କାର୍ଯ୍ୟ କରିଥିବା ସଲାମ ୮ଟି ହିଂସାକାଣ୍ଡରେ ଜଡିତ ଅଛନ୍ତି। ଗତ ୧୫ ବର୍ଷ ତଳେ ସେ ଗିରଫ ହୋଇଥିଲେ। ମାତ୍ର କୌଣସି ପ୍ରକାରେ ସେ ସେତେବେଳେ ପୋଲିସ କବଳରୁ ଫେରାର ହୋଇ ଯାଇଥିଲେ। ବୁଧବାର ସଲାମ ନିଜ ଗ୍ରାମ କରମାରିରେ ଥିବା ସୂଚନା ପାଇ ନାରାୟଣପୁର ପୋଲିସର ଏକ ଟିମ ଚଢ଼ାଉ କରି ଗିରଫ କରିଥିଲା।

### ହୋଟେଲ ଗ୍ୟାରେଜରେ ଜିଲା ଶ୍ରମ ବିଭାଗର ଚଢ଼ାଉ

ଜୟପୁର, ୧୭।୮ (ନି.ପ୍ର.): ଜୟପୁର ସହରର ବିଭିନ୍ନ ହୋଟେଲ,ଟିଫିନ ସେଣ୍ଟର, ଗ୍ୟାରେଜ ଓ ଚିକେନ ସେଣ୍ଟରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି । ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା । ଏହି ସମୟରେ ମେନ ରୋଡର ଏକ ଟିଫିନ ସେଣ୍ଟରୁ ଜଣେ, ଜେଲ ରୋଡ ଗ୍ୟାରେଜରୁ ୩ ଜଣ, ଏମଜି ରୋଡ ଚିକେନ ସେଣ୍ଟରରୁ ଜଣେ ଏପରି ୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ କୋରାପୁଟ ଶିଶୁ ମଙ୍ଗଳ କମିଟକୁ ହସ୍ତାନ୍ତର କରାଯାଇଛି । ଚଢ଼ାଉ ବେଳେ ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ସହକାରୀ ଶ୍ରମ ଅଧିକାରୀ ପଦ୍ମ ଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝୀ, ଗ୍ରାମୀଣ ନିରୀକ୍ଷକ ପୂର୍ଣ୍ଣିମା ଡୁରୁକା, ଚାଇଲ୍ଡ ଲାଇନର ହେମନ୍ତ ପାତ୍ର, ବଳରାମ ପାତ୍ରଙ୍କ ସହ ଟାଉନଥାନା ପୋଲିସ ଉପସ୍ଥିତ ଥିଲେ ।

# ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ରାସ୍ତାରୋକୋ

ସୁନାବେଡ଼ା ୧୭।୮ (ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ଥାନା ଅଧୀନ ଚିକାପାର୍ ଗ୍ରାମରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେହେଲେ ଗ୍ରାମର ପିତୁ ବେନିଆଙ୍କ ସ୍ତ୍ରୀ ସଂଯୁକ୍ତା (୪୨)। ଏକ ଘରୋଇ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସଞ୍ଜୁକ୍ତା ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ବିଦ୍ୟାଳୟକୁ ଯାଉଥିବା ବେଳେ କୋରାପୁଟ ଅଭିମୁଖେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସଞ୍ଜୁକ୍ତା ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସୁନାବେଡ଼ା ଥାନାକୁ ଖବର ଦେଇ ତାଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସଞ୍ଜୁକ୍ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା



ରାସ୍ତାରୋକୋ କରିଥିବା ଗ୍ରାମବାସୀ।

କରିଥିଲେ। ଏହି ଖବର ପ୍ରଚାର ହେବା ପରେ ଶତାଧିକ ଗ୍ରାମବାସୀ ୨୬ନଂ. ଜାତୀୟ ରାଜପଥ ପଛିକା ଛକ ନିକଟରେ ଆମ୍ବୁଲାନ୍ସରେ ମୃତଦେହ ରଖି ରାସ୍ତାରେ ଟାୟାର ଜାଳି ଦୀର୍ଘ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ ସୁନାବେଡ଼ା ଥାନା ଅଧିକାରୀ ସମ୍ବିତ୍ ବେହେରା ଓ ସେମିଳିଗୁଡ଼ା ଭାରପ୍ରାପ୍ତ ତହସିଲଦାର କାହ୍ନୁଚରଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ୍‌ରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ରାସ୍ତାରୋକୋ ହଟିଥିଲା। ଏନେଇ ସୁନାବେଡ଼ା ଥାନାରେ କେସ୍ ନଂ. ୧୩୩/୨୨ରେ ଏକ ମାମଲା ରୁଜୁହୋଇ ଅଧିକ ତଦନ୍ତ ଜାରି ରହିଛି।



ମାଲକାନଗିରି ସଦର ବ୍ଲକ୍ ମାଟିପଙ୍କା ପଞ୍ଚାୟତରେ ସ୍ୱାଧୀନତା ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବନଜା

## ପିଏ ଦେବନାରାୟଣ ପଣ୍ଡା ହତ୍ୟା ମାମଲା

ଜୟପୁର, ୧୭।୮ (ନି.ପ୍ର.)

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଦେବନାରାୟଣ ପଣ୍ଡାଙ୍କ ହତ୍ୟା ମାମଲା ସିବିଆଇ ଦ୍ୱାରା ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଏନେଇ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଣ୍ଡାଙ୍କ ସ୍ତ୍ରୀ ବନଜା ପଣ୍ଡା ୧୧୦ ପୃଷ୍ଠାର ଡବ୍ଲ୍ୟୁଆର୍ଆଇଟି ଦାଖଲ କରିଛନ୍ତି । ୨୦୧୯ ଡିସେମ୍ବର ୨୭ରେ ମାଲକାନଗିରିର ତତ୍କାଳୀନ ଜିଲାପାଳଙ୍କ ପିଏ ପଣ୍ଡାଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ହତ୍ୟା କରିଥିଲେ। ଏହି ହତ୍ୟାକଣ୍ଡ ଘଟାଇବାରେ ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ତାଙ୍କ ରେସିଡେନ୍ସ ଅଫିସର ଟେମ୍ପୋରାରି ଡାଟା ଏଣ୍ଟ୍ରି ଅପରେଟର ଭି. ବେଣୁ,ଷ୍ଟେନୋଗ୍ରାଫର ପ୍ରକାଶ ସ୍ୱାଇଁ ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଭଗବାନ ପାଣିଗ୍ରାହୀ ସହଯୋଗ କରିଥିଲେ। ଘଟଣା ଚପାଇଦେବା ଓ ପ୍ରମାଣ ନଷ୍ଟ କରିବା ଲାଗି ପୋଲିସ ଉପରେ ଚାପ ପକାଇଥିଲେ। ତାଙ୍କ ପିଲାଙ୍କୁ ଧମକଚମକ ଦେଇଥିଲେ ବୋଲି ବନଜା କହିଛନ୍ତି। ଏନେଇ ପରେ ସେ ସମୟରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ଓ୍ୱାନ୍‌ସିସି ମାମଲା ଦାଏର କରିଥିଲେ । ମାମଲାର ଶୁଣାଣି ପରେ ବିଚାରପତି ସମ୍ପୃକ୍ତ ଏହି ପାଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବନଜା କୋର୍ଟଙ୍କ ଏହି ନିର୍ଦ୍ଦେଶ ସମ୍ପର୍କିତ ଚିଠିକୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ, ମୁଖ୍ୟ ଶାସନ ସଚିବ, ଡିଜିପି, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଡାକ ଯୋଗେ ପଠାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବହୁ ବାର ଲିଖିତ ଆବେଦନ କରାଯାଇଥିଲା । କିନ୍ତୁ କିଛି ପଦକ୍ଷେପ ନେଇ ନାହାନ୍ତି । ଫଳରେ ଶେଷରେ ବନଜା ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ପତାକା ଉତ୍ତୋଳନ ନ ହେବାରୁ ଗ୍ରାମସଭାରେ ପ୍ରତିବାଦ

ଲକ୍ଷ୍ମୀପୁର ୧୭।୮ (ସ୍ୱ.ପ୍ର.)

ଦେଶ ଏବେ ପାଳନ କରୁଛି ସ୍ୱାଧୀନତାର ଅମୃତ ମହୋତ୍ସବ। ଗତ ୧୫ ତାରିଖରେ ସବୁଠି ପାଳନ ହୋଇଛି ସ୍ୱାଧୀନତା ଦିବସ। କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକରେ ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ ହୋଇଛି। ତେବେ ଏଠାରେ ଗୌଡ଼ଗୁଡା ପଞ୍ଚାୟତରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଜାତୀୟ ପତାକା ଉତ୍ତୋଳନ ହୋଇନାହିଁ। ଫଳରେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଗ୍ରାମସଭାରେ ଆଲୋଚନା କରାଯାଇ ସରପଞ୍ଚ ଭଗବତୀ ମୁଦୁଲି ଓ ଉପସ୍ଥିତ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପିଇଓ ରମେଶ ଚନ୍ଦ୍ର ସାହୁ ପୂର୍ବାହ୍ନ ୧୧ଟାରେ ଜାତୀୟ ପତାକା ଦେଇଥିଲେ। ଏହାକୁ ସାମାଜିକ କର୍ମୀ ସୁନ୍ଦର ମୁଦୁଲି, ପୁରୁଷୋତ୍ତମ ମୁଦୁଲି ବନ୍ଦ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପାଚେରି ଡେଇଁ ଛାତ ଉପରେ ଜାତୀୟ ପତାକା ଉଡ଼ାଇଥିଲେ। ଏ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀ ପୂର୍ଣ୍ଣଲତା ମିଶ୍ରଙ୍କୁ ପଚାରିବାରୁ ତାଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଛୁଟିରେ ଥିବା କହିଥିଲେ। କମ୍ୟୁନିଟି ହେଲ୍‌ଥ ଅଫିସର ସୂର୍ଯ୍ୟକାନ୍ତି ଖେମୁଣ୍ଡୁଙ୍କୁ ଯୋଗାଯୋଗ କରିବାରୁ ସେ କିଛି ଉତ୍ତର ଦେଇ ନ ଥିଲେ।କରିଛି।

# ଅନ୍ୟ ଜାତିର ଘରେ ଖାଇବାରୁ ମୃତଦେହ ଛୁଇଁଲେନି ଗ୍ରାମବାସୀ

## ମୃତଦେହ ଘୋଷାରି ଘୋଷାରି ନେଲେ ପୁଅ

ଜୟପୁର,୧୭।୮(ନି.ପ୍ର.)

ଅନ୍ୟ ଜାତିର ଜଣେ ବ୍ୟକ୍ତିଙ୍କ ଘରେ ଖାଇବାରୁ ଏକ ଗ୍ରାମରେ ମୃତଦେହ ସତ୍କାର କରିବାକୁ ଗ୍ରାମବସୀ ଛୁଇଁଲେନି। ଫଳରେ ମୃତଦେହକୁ ମୃତକଙ୍କ ପୁଅ ଘୋଷାରି ଘୋଷାରି ମଶାଣିକୁ ନେଇଥିଲେ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ । ଗ୍ରାମର ମୁକ୍ତା ପରଜାଙ୍କ ପୁଅ ମଙ୍ଗଳା ପରଜା ଗତ ୬ମାସ ତଳେ ଅନ୍ୟ ଜାତିର ଜଣେ ବ୍ୟକ୍ତିଙ୍କ ଘରେ ଖାଇଥିଲେ। ବୁଧବାର ମୁକ୍ତାଙ୍କ ପରଲୋକ ହୋଇଥିଲା। ଗ୍ରାମବାସୀ ମଙ୍ଗଳା ଅନ୍ୟ ପରିବାରରେ ଖାଇଥିବାରୁ ମୃତଦେହ ଛୁଇଁବାକୁ ମନା କରିଥିଲେ। ପୂର୍ବରୁ ପରିବାର ବର୍ଗଙ୍କୁ



ମୃତଦେହକୁ ମଙ୍ଗଳା ରାସ୍ତାରେ ଘୋଷାରି ଘୋଷାରି ନେଉଛନ୍ତି।

କୌଣସି ଭୋଜିଭାତରେ ସାମିଲ କରୁ ନ ଥିଲେ। ମୃତଦେହକୁ ଗ୍ରାମବାସୀ ଚାରିକାନ୍ଧ ନ ଦେବାରୁ ଶେଷରେ ପୁଅ ମଙ୍ଗଳା ମୃତଦେହର କୋକେଇରେ ଲଦି ରାସ୍ତାରେ ଘୋଷାରି ଘୋଷାରି ମଶାଣିକୁ ନେଇଥିଲେ।

### ହୋଟେଲ ଗ୍ୟାରେଜରେ ଜିଲା ଶ୍ରମ ବିଭାଗର ଚଢ଼ାଉ

ଜୟପୁର, ୧୭।୮ (ନି.ପ୍ର.)

ଜୟପୁର ସହରର ବିଭିନ୍ନ ହୋଟେଲ,ଟିଫିନ ସେଣ୍ଟର, ଗ୍ୟାରେଜ ଓ ଚିକେନ ସେଣ୍ଟରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି । ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା । ଏହି ସମୟରେ ମେନ ରୋଡର ଏକ ଟିଫିନ ସେଣ୍ଟରୁ ଜଣେ, ଜେଲ ରୋଡ ଗ୍ୟାରେଜରୁ ୩ ଜଣ, ଏମଜି ରୋଡ ଚିକେନ ସେଣ୍ଟରରୁ ଜଣେ ଏପରି ୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ କୋରାପୁଟ ଶିଶୁ ମଙ୍ଗଳ କମିଟକୁ ହସ୍ତାନ୍ତର କରାଯାଇଛି। ଚଢ଼ାଉ ବେଳେ ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ସହକାରୀ ଶ୍ରମ ଅଧିକାରୀ ପଦ୍ମ ଚରଣ ପଣ୍ଡା, ଗ୍ରାମୀଣ ନିରୀକ୍ଷକ ପୂର୍ଣ୍ଣିମା ଡୁରୁକା, ଚାଇଲ୍ଡ ଲାଇନର ହେମନ୍ତ ପାତ୍ର, ବଳରାମ ପାତ୍ରଙ୍କ ସହ ଟାଉନଥାନା ପୋଲିସ ଉପସ୍ଥିତ ଥିଲେ।

# ଡେଙ୍ଗାଡୋଟା ଶ୍ମଶାନର ଆଧୁନିକୀରଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟକ ତାରାପ୍ରସାଦ ବାହିନୀପତି ଶ୍ମଶାନରେ ଭିତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଜୟପୁର, ୧୭।୮ (ନି.ପ୍ର.)

ଜୟପୁର ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ଥିବା ଡେଙ୍ଗାଡୋଟା ଶ୍ମଶାନର ଆଧୁନିକିକରଣ ଓ ପୁନରୁଦ୍ଧାର ପାଇଁ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଧାୟକ ତାରା ପ୍ରସାଦ ବାହିନୀପତି ଭିତ୍ତିପସ୍ତର ସ୍ଥାପନ କରିଛନ୍ତି। ଜୟପୁର ପୌରପାଳିକା ୧ କୋଟି ଟଙ୍କା ବିନିଯୋଗରେ ଏହାର ଆଧୁନୀକିକରଣ କାର୍ଯ୍ୟ କରିବ। ଶ୍ମଶାନ ପରିସରରେ ଶିବ ମୂର୍ତ୍ତି, ମୃତଦେହ ଦାହ ଲାଗି ବିଦ୍ୟୁତ୍ ଚାଳିତ ଚୁଲା, ଲାଇଟ, ଗାଧୋଇବା ପାଇଁ ବ୍ୟବସ୍ଥା, ଟଏଲେଟ, ଡ୍ରେନ, ଗାର୍ଡେନ ଆଦି କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି . ସୁନିତା, ଉପ ଜିଲାପାଳ ବେଦଧ୍ୱର ପ୍ରଧାନ, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଦ୍ଧର୍ଷ ମାଓବାଦୀ ନାର୍କୋମଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୭।୮ (ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଜତ ନାଗଙ୍କ ନିକଟରେ ବୁଧବାର ଜଣେ ହାର୍ଡକୋର ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପୁନା ନର୍କୋମ। ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। କୋଣ୍ଟା ଏରିଆ ମାଓବାଦୀ କମିଟି ପ୍ଲାଟୁନ୍ ନଂ.୪ର ସଦସ୍ୟ ରୂପେ ନର୍କୋମ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରୁଥିଲେ। ସେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ମାଓବାଦୀ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ଆତ୍ମସମର୍ପଣ କରିଥିବା ନର୍କୋମ କହିଛନ୍ତି। ତାଙ୍କ ନିଜ ଗ୍ରାମ ଛତିଶଗଡର ଦୁଧିମାଡାରେ ବୋଲି ଜଣାପଡିଛି। ସରକାରଙ୍କ ରହିଥିବା ଥଇଥାନ ନୀତି ଅନୁସାରେ ନାର୍କୋମଙ୍କୁ ସମସ୍ତ ସୁବିଧା ଓ ସହାୟତା ମିଳିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାଗ କହିଛନ୍ତି।



# ଉତ୍କଳ କରାଟେ ସ୍କୁଲର ଛାତ୍ରୀଙ୍କୁ ବ୍ଲାକ୍ ବେଲ୍ଟ

ସୁନାବେଡ଼ା,୧୭।୮(ସ୍ୱ.ପ୍ର.)

କୋରାପୁଟ ଇନ୍‌ଡୋର ଷ୍ଟାଡିୟମଠାରେ ଅବିଭକ୍ତ କୋରାପୁଟ ଜିଲାରେ ଥିବା ସମସ୍ତ ଉତ୍କଳ କରାଟେ ସ୍କୁଲର ବେଲ୍ଟ ଗ୍ରେଡିଂ ଟେଷ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୋନ ପ୍ରତିଯୋଗିତାର ପଦକ ବିଜେତା ଚନ୍ଦକା ଯୁବରାଜ ଓ ରାଜ୍ୟ ଏବଂ ମୁକ୍ତ ଜାତୀୟ କରାଟେ ପ୍ରତିଯୋଗିତାର ପଦକ ବିଜେତା ସଂଘମିତ୍ରା ପଣ୍ଡା ବ୍ଲାକ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ କ୍ରୀଡାବିତ ଦୀର୍ଘ ୭ ବର୍ଷ ଧରି ସୁନାବେଡ଼ା ଉତ୍କଳ କରାଟେ ସ୍କୁଲରେ ଜାତୀୟ କୋଚ ତଥା ଜାତୀୟ ରେଫରି ଷଷ୍ଠଡ଼ାନ ବ୍ଲାକ୍ ବେଲ୍ଟ ମହେଶ ଚନ୍ଦ୍ର ବରାଳଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରୁଥିଲେ । ଉକ୍ତ ପରୀକ୍ଷାରେ ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆର ମୁଖ୍ୟ ହାନ୍‌ସି ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ବରିଷ୍ଠ ପ୍ରଶିକ୍ଷକ ଖାରବେଳ ମଲ୍ଲିକ, ସନ୍ଦୀପ ମହାନ୍ତି, ଦୁର୍ଗାପ୍ରସାଦ ରଥ ଏବଂ ତ୍ରିନାଥ ସିଂ ଲାଲ ପ୍ରମୁଖ ସହଯୋଗ କରିଥିଲେ।




ବ୍ଲାକ୍ ବେଲ୍ଟ ପାଇଥିବା ୨ ଛାତ୍ରୀ।

# ଧାର୍ଯ୍ୟ କ୍ଷତିପୂରଣଠାରୁ ଅଧିକ ଦାବିକଲେ ଚାଷୀ

## ରେଳ ଷ୍ଟେଶନ ନିର୍ମାଣ ନେଇ ପଲ୍ଲିସଭା

ମାଲାକନଗିରି,୧୭।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ସଦର ମହକୁମା ପୌରାଞ୍ଚଳ ଏମ୍‌ଭି- ୪୨ ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ରେଳ ଷ୍ଟେଶନ ନିର୍ମାଣ ନେଇ ବୁଧବାର ଏକ ପଲ୍ଲିସଭା ହୋଇଛି। ଆରମ୍ଭ ହୋଇଥିବା ଜମି ଅଧିଗ୍ରହଣ ସମ୍ପର୍କରେ ପଲ୍ଲିସଭାରେ ଆଲୋଚନା ହୋଇଥିଲା। ଏହି ରେଳ ଷ୍ଟେଶନ ପାଇଁ ଉକ୍ତ ଗ୍ରାମର ୫୦ ଜଣ ଚାଷୀ ସେମାନଙ୍କ ଜମି ହରାଇବେ। ଏଥିରେ କୋରାପୁଟ ଇଷ୍ଟକୋଷ୍ଟ ରେଳର ଭି.ଡି. ସୋମାଲିଙ୍ଗମ୍, ଜମି ଅଧିଗ୍ରହଣ କାର୍ଯ୍ୟକାରୀ ଅଧିକାରୀ ଅମୂଲ୍ୟ ସାହୁ, ମାଲକାନଗିରି ପୌରାଧକ୍ଷ ମନୋଜ ବାରିକ, ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ, ଅତିରିକ୍ତ ତହସିଲଦାର



ପଲ୍ଲିସଭାରେ ଉପସ୍ଥିତ ଅଧିକାରୀମାନେ।

ଜଗଦିଶ କାର୍ତ୍ତାମୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ରେଳ ଷ୍ଟେଶନ ନିର୍ମାଣକୁ ସମସ୍ତେ ସ୍ୱାଗତ କରିଥିଲେ। ତେବେ ଚାଷୀ ଚାଷଜମି ହରାଉଥିବାରୁ ଭବିଷ୍ୟତରେ ସେମାନଙ୍କ ଉତ୍ତରପିଢ଼ି ଅସୁବିଧାର ସମ୍ମୁଖୀନ ହେବେ ବୋଲି ପ୍ରକାଶ କରିଥିଲେ। ତେବେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଜମି ବାବଦରେ କ୍ଷତିପୂରଣ ନିୟମ ଅନୁସାରେ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ତେବେ ପଲ୍ଲିସଭାରେ ଚାଷୀମାନେ ସରକାରଙ୍କ ଧାର୍ଯ୍ୟ କ୍ଷତିପୂରଣଠାରୁ ଅଧିକ ଅର୍ଥ ଦାବି କରିଥିଲେ। ଏ ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରାଯାଇ ଆଗାମୀ ସପ୍ତାହକ ମଧ୍ୟରେ ଆଉ ଏକ ପଲ୍ଲିସଭା କରାଯାଇ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଥିଲା।

## ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜୟପୁର (ନି. ପ୍ର.): ଜାମୁଣ୍ଡା ଗ୍ରାମପଞ୍ଚାୟତ ପକ୍ଷରୁ ଯୁକ୍ତ ୨ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଯୁକ୍ତ ୨ ପରୀକ୍ଷାରେ ଜାମୁଣ୍ଡା ପଞ୍ଚାୟତ ବଡ଼ପଡ଼ା ଗ୍ରାମର କେ. ଗୋବିନ୍ଦରାଓଙ୍କ ଝିଅ କେ. ଗାୟତ୍ରୀ ୬୦୦ରୁ ୫୨୭ ମାର୍କ ରଖି କୋରାପୁଟ ଜିଲାରେ ଟପ୍ପର ହୋଇଥିଲେ। ଏହି ଖବର ଜଣାପଡିବା ପରେ ଜାମୁଣ୍ଡା ପଞ୍ଚାୟତ ପକ୍ଷରୁ ମେଧାବୀ ଛାତ୍ରୀ ଗାୟତ୍ରୀଙ୍କୁ ମାନପତ୍ର ଓ ଆର୍ଥିକ ସହାୟତା ଦେଇ ସମ୍ମାନିତ କରାଯାଇଥିଲା। ଜୟପୁର ମହିଳା ମହାବିଦ୍ୟାଳୟର ପଢୁଥିବା ଗାୟତ୍ରୀ ଭବିଷ୍ୟତରେ ଜଣେ ଅଧାପିକା ହେବାକୁ ନେଇ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । ସରପଞ୍ଚ ମନଧର ଗାଦବା, ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ମହାପାତ୍ର, ଜିଆର୍‌ଏସ୍ ସ୍ୱାଗତ କୁମାର ସାହୁଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଳ ନିକଟରେ ପଡ଼ିଛି ଗଳିତ ମୃତଦେହ

ରାଇଘର, ୧୭।୮ (ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦେବାଗାଁ ପଞ୍ଚାୟତ ଡୁମୁରିମୁଣ୍ଡା ଗ୍ରାମ ନିକଟରେ ଥିବା ନାଳ ପାଖରେ ଏକ ଗଳିତ ମୃତଦେହ ବୁଧବାର ଦେଖିବାକୁ ମିଳିଛି। ଗ୍ରାମବାସୀ ମୃତଦେହ ଦେଖି ଭୟଭୀତ ଅଛନ୍ତି। ଦେବାଗାଁ ସରପଞ୍ଚ ଖବରପାଇ ରାଇଘର ଥାନାଧିକାରୀଙ୍କୁ ଅବଗତ କରିଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ଗୁରୁବାର ଘଟଣା ସ୍ଥଳକୁ ଯାଇ ଅନୁଧାନ କରିବି ବୋଲି ଥାନାଧିକାରୀ ଟଙ୍କ ଗିରି ଭୋଇ ପ୍ରକାଶ କରିଛନ୍ତି।

### ଆଶାକିରଣ ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ

ନବରଙ୍ଗପୁର, ୧୭।୮ (ବି.ପ୍ର.):
ନବରଙ୍ଗପୁରର ସ୍ୱତନ୍ତ୍ର ବିଦ୍ୟାଳୟ ଅଶାକିରଣରେ ଜିଲାପାଳ ଡ଼ କମଳ ଲୋଚନ ମିଶ୍ର ତ୍ରିରଙ୍ଗା ପତାକା ଉତ୍ତୋଳନ କରି ପିଲାମାନଙ୍କୁ ପୋଷାକ, ପାଠ୍ୟ ଉପକରଣ, ଫଳ ଓ ମିଠା ବଣ୍ଟନ କରିଛନ୍ତି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମଧ ସେଠାରେ ପହଞ୍ଚି ପିଲାମାନଙ୍କୁ ମିଠା ,ଟିଫିନ ଆଦି ଦେଇଛନ୍ତି। ପିଲାମାନଙ୍କ ହଷ୍ଟେଲ ଗୃହ ପରିଦର୍ଶନ କରି ହଷ୍ଟେଲ ଉପରେ ଏକ ରୁମ କରିବାକୁ ପ୍ରତିଶୃତି ଦେଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧନୁର୍ଜୟ ରାଓ, ବରିଷ୍ଠ କିରାଣୀ ବୃନ୍ଦାବନ ବେବର୍ତ୍ତା, ଅଶାକିରଣ ଅଧକ୍ଷ ଜଗନ୍ନାଥ ବେହେରା ସ୍ୱତନ୍ତ୍ର ବିଦ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବାଜପେୟୀଙ୍କ ତିରୋଧାନ ଦିବସ ପାଳିତ

ଗୁଣପୁର, ୧୭।୮ (ଡି.ଏନ୍.ଏ.):
ରାୟଗଡା ଜିଲା ଗୁଣପୁରସ୍ଥିତ ବଂଶଧାରା ଯୁକ୍ତ ଦୁଇ ବିଦ୍ୟାଳୟରେ ପୂର୍ବତନ ପ୍ରଧାଦ ମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଅଟଳ ବିହାରୀ ମିମୋରିଆଲ ଟ୍ରଷ୍ଟର ପକ୍ଷରୁ ସଂଯୋଜକ ଚିନ୍ମୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟନାରାୟଣ ରଥ, ସୋମନାଥ ଗୌଡ, ଉମାଶଙ୍କର ଦାସ, ବି.ସତିଶ କୁମାର, ଅମ୍ବିକାରାଣୀ ମହାପାତ୍ର, ଲକ୍ଷ୍ମୀ ମହାକୁଡ, ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ତୈଳଚିତ୍ର ନିକଟରେ ଶ୍ରଦ୍ଧା ସୁମନ ପ୍ରଦାନ କରିଥିଲେ। ସେହିଭଳି ଭାଜପା ପକ୍ଷରୁ ମଧ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ପାଳନ ହୋଇଛି। ଦଳୀୟ କର୍ମକର୍ତ୍ତା ଶ୍ରୀନିବାସ ସ୍ୱାଇଁ, ଅମରସାହୁ, ସାରଙ୍ଗଧର ନାଗବଂଶ, କେ.ପଦ୍ମା, ନକୁଳ ମଲିଫୁଲ, ଫାଲଗୁନି ଶବର, ଏଲ୍.ଏନ୍.ପାଢ଼ୀ, ଟିଙ୍କୁ ପଣ୍ଡା, ଅମିତ ଷଡଙ୍ଗୀ ପ୍ରମୁଖଉପସ୍ଥିତ ରହି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ମୃତି ଚାରଣ କରିଥିଲେ।

### ଜିଲା ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍ ମାର୍ଚ୍ଚ

ନବରଙ୍ଗପୁର, ୧୭।୮ (ବି.ପ୍ର.)
ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ଓ ଆଜାଦିକା ଅମୃତ ମହୋତ୍ସବ ଅବସର ଜିଲା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇ ଜାତୀୟ ପତାକା ପ୍ରଦର୍ଶନ କରାଯାଇଛି। ନବରଙ୍ଗପୁର ଆଦର୍ଶ ଥାନ ନିକଟରୁ ଜିଲା ପୋଲିସ ବାହିନୀ ହାତରେ ତ୍ରିରଙ୍ଗା ପତକା ଧରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଆୟାଜିତ କାର୍ଯ୍ୟକ୍ରମ ଜିଲାପାଳ ଡ଼ଃ କୋମଳ ଲୋଚନ ମିଶ୍ର, ଏସ୍‌ପି ଏସ. ସୁଶ୍ରୀଙ୍କ ସମେତ ଜିଲା ପ୍ରଶାସନ ଅଧିକାରୀମାନେ ଯୋଗ ଦେଇଥିଲେ।

### ବାଇକରୁ ପଡ଼ି ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ଦୁର୍ଗୀ, ୧୭।୮ (ଡି.ଏନ୍.ଏ.):
ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ନିକଟସ୍ଥ ବାଲିପଦର ୪୬ ନଂ. ରାଜ୍ୟ ରାଜପଥରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଥିଆପଡ଼ା ପଞ୍ଚାୟତ ଫୁଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଉର୍ମିଳା ତ୍ରିପାଠୀ। ସ୍କୁଲରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ବସି ଘରକୁ ଫେରିବା ସମୟରେ ପଛ ସିଟ୍‌ରୁ ଖସି ପଡ଼ିଥିଲେ। ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଗୁରୁତର ହୋଇଥିଲେ। ତୁରନ୍ତ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶିକ୍ଷୟିତ୍ରୀ ଦୁର୍ଗୀ ଉପର ସାହିରେ ଭଡ଼ାରେ ରହୁଥିଲେ।

# ବିଜ୍ଞାନ ଇଣ୍ଟରନ୍ୟାଶନାଲ ଡିଗ୍ରୀ କଲେଜର ସଫଳତା

**ସ୍ନାତକ ବିଜ୍ଞାନ ଫଳାଫଳ**

କୋରାପୁଟ, ୧୭।୮ (ସ୍ୱ.ପ)


ସଫଳତା ପାଇଥିବା ଛାତ୍ରୀମାନେ।

କୋରାପୁଟର ପୁଜାରିପୁଟସ୍ଥିତ ବିଜ୍ଞାନ ଇଣ୍ଟନ୍ୟାଶନାଲ ଡିଗ୍ରୀ କଲେଜର ୨୦୧୯–୨୨ ବର୍ଷ ସ୍ନାତକ ବିଜ୍ଞାନ ବିଭାଗରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ଜଣାଯାଇଛି । ମହାବିଦ୍ୟାଳୟର ମୋଟ ୩୦ ଜଣ ଛାତ୍ରୀଛାତ୍ର ସ୍ନାତକ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ସମସ୍ତେ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ୩ ଜଣ ଶତକଡା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ୧୫ ଜଣ ଶତକଡା ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ଏବଂ ୧୨ ଜଣ ଶତକଡା ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଜଣାପଡିଛି। କମ୍ପୁଟର ବିଜ୍ଞାନ ବିଭାଗରେ ପି.ସେହଦାମିନୀ ଶତକଡା ୯୩ ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟର ପ୍ରଥମ ହୋଇଥିବାବେଳେ ଉଦ୍ଭିଦ ବିଜ୍ଞାନରେ ଇନ୍ଦିରା ପ୍ରିୟଦର୍ଶନୀ ମହାରଣା ଶତକଡା ୯୨ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ କମ୍ପ୍ୟୁଟର ସାଇନ୍ସରେ ଛାତ୍ରୀ ଚିନ୍ମୟୀ ମହାରଣା ଶତକଡା ୯୧ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ଓ ଅଧାପିକା ଅଧାପକଙ୍କୁ କଲେଜ ସଭାପତି ସୁବ୍ରତ କୁମାର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ କୋରାପୁଟ ବିଜ୍ଞାନ ଇଣ୍ଟରନ୍ୟାଶନାଲ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଥିଲେ ।

# ଡେଙ୍ଗୁର କାରଣ, ଲକ୍ଷଣ, ନିରାକରଣ ସମ୍ପର୍କରେ ଆଲୋଚନା


ବୈଠକରେ ମଞ୍ଚାସୀନ ଅତିଥି।

ନନ୍ଦାହାଣ୍ଡି, ୧୭।୮ (ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ଅଧୀନ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ସଭା ଆୟୋଜନ କରାଯାଇଛି। ବର୍ଷା ଦିନରେ ଡେଙ୍ଗୁର କୁପ୍ରଭାବ ଏଡ଼ାଇବା ସହ ଏ ନେଇ ଲୋକଙ୍କୁ କିଭଳି ସଚେତନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ରଶ୍ମିତା ମାଝି, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଦିବ୍ୟଦାନ ସୁନା, ସିଡିପିଓ, ବିଇଓ, ସିଆର୍‌ସିସି ଏବଂ ବ୍ଲକର ସମସ୍ତ ସରପଞ୍ଚଙ୍କ ଉପସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିକାଶ ଚନ୍ଦ୍ର ବାରିକ ଏବଂ ଭିବିଡିଟିଏସ୍ ତୃପ୍ତିମୟୀ ବେହେରା ଡେଙ୍ଗୁର ଲକ୍ଷଣ, ଏହା ବ୍ୟାପିବାର କାରଣ ବିଷୟରେ ବୁଝାଇଥିଲେ। ଡେଙ୍ଗୁର ଚିକିତ୍ସା ଏବଂ ଏହାର ନିରାକରଣ ସମ୍ପର୍କରେ ଅଧିବାସୀଙ୍କୁ ସଚେତନ କରେଇବା ପାଇଁ ଜନ ପ୍ରତିନିଧିମାନଙ୍କୁ କୁହାଯାଇଥିଲା। ବି.ପି.ଏମ୍ ସୁଧାଂଶୁ ଶେଖର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପିଏଚ୍‌ଇଓ ସଙ୍ଗୀତା ପାତ୍ର, ନେହା ସବନମ, ରଞ୍ଜନ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର ଉପସ୍ଥିତ ରହି ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ହଇଜା ଭଳି ଏକ ମହାମାରୀକୁ ସଫଳତାର ସହ ନିୟନ୍ତ୍ରଣ କରିଥିବାରୁ ଅରୁଣ ମିଶ୍ର ଏବଂ ଦିବ୍ୟଦାନ ସୁନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରୀ ଦଳକୁ ପ୍ରଶଂସା କରିଥିଲେ।

# ସୋସିଓଲୋଜିରେ ପିଙ୍କି ବିଶ୍ୱବିଦ୍ୟାଳୟ ଟପ୍ପର

- ଡମ୍ବସରା ଡିଗ୍ରୀ କଲେଜ ଛାତ୍ରୀଙ୍କ ସଫଳତା
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ

ଗୁଣପୁର, ୧୭।୮ (ଡି.ଏନ୍.ଏ.)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶେଷବର୍ଷର କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଡମ୍ବସରା କଲେଜର ଛାତ୍ରୀମାନେ ସଫଳତା ପାଇଛନ୍ତି। ଇଂଲିଶ ବିଭାଗରେ ଡମ୍ବସରା କଲେଜର ଛାତ୍ରୀ ମୋନାଲି ସାହୁକାର ବିଶ୍ୱବିଦ୍ୟାଳୟର ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୫ମ ସ୍ଥାନରେ ସୋନାଲି ମଲିଫୁଲ ରହିଛନ୍ତି। ସେହିପରି ସୋସିଓଲୋଜି ବିଭାଗରେ ପିଙ୍କି ଶବର ବିଶ୍ୱବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ସ୍ଥାନରେ ସସ୍ମିତା ମଲିଫୁଲ ଏବଂ ୭ମ ସ୍ଥାନରେ ଶ୍ରୀମନ୍ତି ଶବର ରହିଛନ୍ତି। ପିଲାଙ୍କ ଏହି ସଫଳତା ପାଇଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପରିଚାଳନା କମିଟି ସମେତ ଅଧାପିକା ଅଧାପକ ମାନେ ପିଲାଙ୍କ ଏହି ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି। ପିଲାଙ୍କ ଏହି ସଫଳତା ସେମାନଙ୍କ କଠିନ ପରିଶ୍ରମର ଫଳ ବୋଲି ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡା କହିଛନ୍ତି।

# ଚିତ୍ରକୋଣ୍ଡାରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆସର

ଚିତ୍ରକୋଣ୍ଡା, ୧୭।୮ (ଡି.ଏନ.ଏ.)
ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଏକ ଦେଶାତ୍ମବୋଧକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଟେମ୍ପରାରିକଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ହୋଇଥିବା ଏହି କବିତା ଆସରରେ ଚିତ୍ରକୋଣ୍ଡା ଅଞ୍ଚଳର କବି, ସାହିତ୍ୟିକମାନେ ଯୋଗ ଦେଇଥିଲେ। ସଭାପତି ଭାବରେ ଶିକ୍ଷାବିତ ଭରତଚନ୍ଦ୍ର ନାଥ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ଚିତ୍ରକୋଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ ଗୌରହରି ସାହୁ ଏବଂ ସମ୍ମାନିତ ଅତିଥିଭାବରେ ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ଡାକୁଆ ଓ ଦୁର୍ଯୋଧନ ସେଠୀ ଉପସ୍ଥିତ ଥିଲେ । ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଅବିଭକ୍ତ କୋରାପୁଟ ଜିଲାର ପୂର୍ବତନ ଖବରଦାତା, କବି ସ୍ୱର୍ଗତ ସୁଧାକର ଦାସ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କବିତାପାଠ କରିଥିବା ୨୨ ଜଣ କବି ଓ କବୟିତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆବାହକ ଗୌରହରି ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ନିରଦ ଜେନା, ବୁଲୁ ସେଠୀ, ସବିତା ତ୍ରିପାଠୀ, ରୀତା ମହାରଣା, ବ୍ରଜବନ୍ଧୁ ନାୟକ,ଉଲ୍ଲାସ ଜେନା, ଦୀପ୍ତି ନାୟକ,ଜ୍ଞାନ ରଞ୍ଜନ ପଲାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦେଶାତ୍ମବୋଧକ କବିତା ପାଠୋତ୍ସବ


ଜଣେ କବିଙ୍କୁ ସମ୍ମାନିତ କରାଯାଉଛି।

କୋଡ଼ିଙ୍ଗା, ୧୭।୮ (ଡି.ଏନ୍.ଏ.)
ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ରାଜ୍ୟର ୧୨୫ ସ୍ଥାନରେ ଏକକାଳୀନ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ନବରଙ୍ଗପୁର ଜିଲା କୋଷାଗୁମୁଡାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦ଜଣ କବି ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ବଲ୍ଲଭ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମକୁ ବରିଷ୍ଠ ସାହିତ୍ୟିକ ପବିତ୍ର ହାଲଦାର ଉଦ୍‌ଘାଟନ କରିଥିଲେ। ସହଦେବ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନଳିନୀକାନ୍ତ ପାତ୍ର, ଚନ୍ଦ୍ରଶେଖର ସାହୁ, କୈଳାସ ଚନ୍ଦ୍ର ବାରିକ, ଜ୍ଞାନ ରଞ୍ଜନ ସାହୁ, ଯୁଗଳ ପଟ୍ଟନାୟକ, ତେଜସ୍ୱିନୀ ପଟ୍ଟନାୟକ, ଊର୍ମିଳା ମହାପାତ୍ର, ସ୍ୱର୍ଣ୍ଣଲତା ପରିଡ଼ା, ସସ୍ମିତା ସିଂ, ଦୁଷ୍ମନ୍ତ ସାହୁ, ଚିତ୍ରସେନ ସାମନ୍ତରାୟ,ଅଭୟ ସାମଲ, ଜଗବନ୍ଧୁ ଗୌଡ଼, ପ୍ରଦୀପ୍ତ ବେହେରା, ଉଦୟନାଥ ମହାଳିକ, ନୀଳାମ୍ବର ରନ୍ଧାରୀ, ଦିଶା ପ୍ରଜ୍ଞା ସାହୁ କବିତା ପାଠ କରିଥିଲେ। ଶୁଭେନ୍ଦୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆୟୋଜନର ଦାୟିତ୍ୱ ସନ୍ତୋଷ କୁମାର ସାହୁ ନେଇଥିଲେ। କବିତା ପାଠ କରିଥିବା କବିମାନଙ୍କୁ ସମ୍ମାନିତ କରାଯାଇଛି।

# ଟିକା ନେଇ ଶିଶୁକନ୍ୟାଙ୍କ ମୃତ୍ୟୁ ଅଭିଯୋଗ

ପାପଡ଼ାହାଣ୍ଡି, ୧୭।୮ (ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଅଧୀନ ଡଙ୍ଗରିଗୁଡାରେ ଜଣେ ଶିଶୁକନ୍ୟାଙ୍କର ବୁଧବାର ଟିକା ନେବା ପରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପରିବାର ଲୋକ ପାପଡ଼ାହାଣ୍ଡି ମେଡିକାଲ ଅଧିକାରୀ ପ୍ରିୟ ରଞ୍ଜନ ବାହାଲିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପାପଡ଼ାହାଣ୍ଡି ମେଡିକାଲ ଡାକ୍ତର ଦିଲୀପ ଦଳେଇ ଓ ବିପିଏମ୍ ନିବେଦିତା ମହାନ୍ତି ଡଙ୍ଗରିଗୁଡା ଯାଇ ଶିଶୁକନ୍ୟାଙ୍କ ମୃତ୍ୟୁର ତଦନ୍ତ କରି ଫେରିଛନ୍ତି। ପ୍ରକାଶ ଯେ, ଜଗନ୍ନାଥ ସୌରାଙ୍କ ୪ ମାସର ଝିଅଙ୍କ ଦେହ ଅସୁସ୍ଥ ଥିଲା। ତେଣୁ ଟିକା ନ ଦେବାକୁ କହି ଜଗନ୍ନାଥ ଜମିକୁ ଯାଇଥିଲେ। କିନ୍ତୁ ଏଏନ୍‌ଏମ୍ ଘରକୁ ଟିକା ଦେବାକୁ ଆସିବାରୁ ପରିବାର ଲୋକେ ଶିଶୁକନ୍ୟାଙ୍କୁ ଟିକା ଦେଇଥିଲେ। ଟିକା ନେବାର ୪୫ ମିନିଟ ପରେ ଶିଶୁକନ୍ୟାଙ୍କର ମୃତ୍ୟୁ ହୋଇଯାଇଛି। ଝିଅ ମୃତ୍ୟୁ ପାଇଁ ଜଗନ୍ନାଥ ସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କରିଛନ୍ତି। ଟିକା ନେବା ପରେ ଶିଶୁଦେହରେ ପ୍ରତିକ୍ରିୟା ହେବା ସହ ତାଙ୍କ ମୃତ୍ୟୁ ହୋଇଛି ବୋଲି ସେ ଲିଖିତ ଆକାରରେ ପାପଡାହାଣ୍ଡି ମେଡିକାଲ ଇନ୍‌ଚାର୍ଜଙ୍କୁ ଅବଗତ କରିଛନ୍ତି। ପାପଡାହାଣ୍ଡି ମେଡିକାଲ ଡାକ୍ତର ଓ ବିପିଏମ୍ ଡଙ୍ଗରିଗୁଡା ଯାଇ ତଦନ୍ତ କରିବା ସହ ପରିବାର ଲୋକଙ୍କୁ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ପରାମର୍ଶ ଦେଇଥିଲେ, କିନ୍ତୁ ପରିବାର ଲୋକେ ଅରାଜି ହୋଇଥିଲେ।

# ଘରବାରି ପଟ୍ଟା ଦେଲେ, ୫–ଟି ସ୍କୁଲ ବୁଲି ଦେଖିଲେ

ପଦ୍ମପୁର, ୧୭।୮ (ଡି.ଏନ୍.ଏ.)


ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଆଖୁସିଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ ଉପସ୍ଥିତ ରହି ମାରଦିଗୁଡ଼ା ଗ୍ରାମବାସୀଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଅଧକ୍ଷା ମଣିମାଳା ଶବର, ବ୍ଲକ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଆମ୍ବାର ଅଧକ୍ଷ କୈଳାଶ କ୍ରାସ୍କା, ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲା ବିଜେଡି ସମ୍ପାଦକ ରମାକାନ୍ତ ମାଝି, 'ଖ' ଜୋନ୍ ଜିଲା ପରିଷଦ ସଭ୍ୟ ରବି ନାରାୟଣ ଆଚାର୍ଯ୍ୟ, ପଦ୍ମପୁର ଉପାଧକ୍ଷ ଆଖୁସିଂ ସରପଞ୍ଚ, ସମିତି ସଭ୍ୟା, ଲାମ୍ପସ ସଭାପତି ବୃନ୍ଦାବନ ଶବର, ପୂର୍ବତନ ସରପଞ୍ଚ ଚିନା ବାବୁ, ଯୁବନେତା ନେତ୍ରା ଶବର ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ । ପରେ ମିଶନ ଶକ୍ତି ଗୃହକୁ ଯାଇ ନାରୀ ସଂଘ କିପରି ସରକାରଙ୍କ ସହାୟତାରେ ଫିନାଇଲ ଓ ଅଗରବତୀ ପ୍ରସ୍ତୁତ କରି ଲାଭବାନ ହେଉଛନ୍ତି ବୁଲି ଦେଖିଥିଲେ। ଆଖୁସିଂ ଗ୍ରାମର ୫–ଟି ଅଧୀନ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ପୋଲିସ–ମାଓବାଦୀ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ

ମାଲକାନଗିରି, ୧୭।୮ (ଡି.ଏନ.ଏ.)
ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜଲାର ଭେଜି ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ଜିଲାର ପଟେଲପାରା ଓ ବଙ୍କୁପାରା ଜଙ୍ଗଲରେ ଡିଆରଜି ଓ ସିଆରପିଏଫ ଯବାନମାନେ ବୁଧବାର ସର୍ଚ୍ଚଅପରେସନ କରୁଥିବା ବେଳେ ସେଠାରେ ପୂର୍ବରୁ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ ଏହାର ପାଲଟା ଜବାବ ଦେଇ ଗୁଳି ଚଳାଇଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଜଙ୍ଗଲକୁ ଦୌଡି ପଳାଇଥିଲେ ।ପରେ ତଲାସୀ ବେଳେ ଜଣେ ମାଓବାଦୀ ନିହତ ହୋଇଥିବା ଜଣାପଡିଥିଲା। ତାଙ୍କ ନାମ ହଡ୍‌ମା। ତାଙ୍କ ନାମରେ ପୂର୍ବରୁ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ସେ ଡିଭିସିଏମ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ ଏହି ଗୁଳି ବିନିମୟରେ ଅନେକ ମାଓବାଦୀ ଆହତ ହୋଇଥିବା ସୂଚନା ମିଳିଛି। ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚଅପରେଶନ ଜାରି ରହିଛି।

# ୧୧ ନାବାଳିକା ଉଦ୍ଧାର

ମାଲକାନଗିରି, ୧୭।୮ (ଡିଏନଏ)
ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରୁ ବୁଧବାର ୧୧ ଜଣ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ହାଇଦ୍ରାବାଦର ଏକ ଚିଙ୍ଗୁଡି କମ୍ପାନୀରେ ଦାଦନ ଭାବେ କାମ କରିବା ପାଇଁ ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ଯାଉଥିବା ବେଳେ ସୂଚନା ପାଇ ଜିଲା ଶିଶୁ ସୁରକ୍ଷା କମିଟି, ଚାଇଲ୍ଡ ଲାଇନ ଓ ପୋଲିସ ସେମାନଙ୍କୁ ଉଦ୍ଧାର କରିଛନ୍ତି। ଜିଲାର ବିଭିନ୍ନ ଗ୍ରାମରୁ ୧୧ଜଣ ନାବାଳିକାଙ୍କୁ ଅର୍ଥ ରୋଜଗାର ଲୋଭ ଦେଖାଇ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦସ୍ଥିତ ଏକ ଚିଙ୍ଗୁଡି କମ୍ପାନୀକୁ ପଠାଇବା ପାଇଁ ସମ୍ପୃକ୍ତ ବ୍ୟକ୍ତି ଜଣକ ମାଲକାନଗିରି ବସଷ୍ଟାଣ୍ଡକୁ ଯାଇ ସେଠାରୁ ବସରେ ଯିବାକୁ କହିଥିଲେ। ଏହି ନାବାଳିକାମାନେ ବସଷ୍ଟାଣ୍ଡକୁ ଆସିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା କମିଟିର ସଦସ୍ୟା ତୁମୁକି ବେହେରା, ଚାଇଲ୍ଡ ଲାଇନର କର୍ମଚାରୀ ସୁକାନ୍ତି ବିଶ୍ୱାଳ ଏବଂ ମାଲକାନଗିରି ପୋଲିସ ବସଷ୍ଟାଣ୍ଡରୁ ବସ୍‌ରୁ ନାବାଳିକାମାନଙ୍କୁ ଉଦ୍ଧାର କରିଥିଲେ। ଏବେ ସେମାନଙ୍କୁ ସ୍ୱଧାର ଗୃହରେ ରଖାଯାଇଛି।

# ମେଡିକାଲ କଲେଜରେ ଟ୍ୟୁମର ସଫଳ ଅସ୍ତ୍ରୋପଚାର

କୋରାପୁଟ, ୧୭।୮ (ସ୍ୱ.ପ୍ର.)
କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ବୁଧବାର ଜଣେ ମହିଳାଙ୍କ ଡିମ୍ବାଶୟରୁ ୧୪ କେଜି ଓଜନର ଟ୍ୟୁମର ସଫଳ ଭାବେ ଅସ୍ତ୍ରୋପଚାର କରାଯାଇଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ସହକାରୀ ପ୍ରଫେସର ଡାକ୍ତର ଜଗଦୀଶ ଚନ୍ଦ୍ରୟ ବେହେରା ସୂଚନା ଦେଇଛନ୍ତି। ଗତ ୫ରେ ରାୟଗଡା ଜିଲାର ଗୁଲମିଝୋଲା ଗ୍ରାମର ଏହି ମହିଳା ଜଣକ ପେଟବ୍ୟଥା କାରଣରୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ। ବୁଧବାର ଡାକ୍ତର ଗୋପାଳ ନାୟକ, ସର୍ଜରୀ ଡାକ୍ତର ବାସୁଦେବ ମାରାଣ୍ଡିଙ୍କ ନେତୃତ୍ୱରେ ଏବଂ ନର୍ସମାନଙ୍କ ସହାୟତାରେ ସଫଳ ଅସ୍ତ୍ରୋପଚାର କରାଯାଇ ୧୪ କେଜି ଓଜନର ଟ୍ୟୁମର ବାହାର କରାଯାଇଥିଲା। ଏହା ଜଟିଳ ଅସ୍ତ୍ରୋପଚାର ଥିଲା। ଏଥିପାଇଁ ପ୍ରାୟ ଅଢେଇ ଘଣ୍ଟା ସମୟ ଲାଗିଥିଲା ବୋଲି ଉଭୟ ଡାକ୍ତର କହିଛନ୍ତି।

# ମନ୍ତ୍ରୀଙ୍କ ସହ ଆଲୋଚନା କଲା ବ୍ୟବସାୟୀ ସଂଘ

ମୁନିଗୁଡ଼ା, ୧୭।୮ (ଡି.ଏନ୍.ଏ.)
ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ବ୍ୟବସାୟୀ ସଂଘ ପକ୍ଷରୁ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଡିଓ ଏବଂ ତହସିଲଦାରଙ୍କ ସହ ଆଲୋଚନା କରାଯାଇଛି। ମୁନିଗୁଡ଼ାକୁ ଏନ୍‌ଏସି ଘୋଷଣା କରିବା, ରେଳବାଇର ତିନି କୋଣିଆ ଛକରେ ଭୂତଳ ରାସ୍ତା ନିର୍ମାଣ, ଗ୍ରାମରେ ଅଳିଆ ଆବର୍ଜନା ପକାଇବା ପାଇଁ ଡଷ୍ଟବିନ୍‌ର ବ୍ୟବସ୍ଥା କରିବା ଓ ପଞ୍ଚାୟତ ଦ୍ୱାରା ଅଳିଆ ଆବର୍ଜନା ଉଠାଇବା, ଏହି ଅଞ୍ଚଳ ଦେଇ ଯାଉଥିବା ରାଜପଥକୁ ରାଷ୍ଟ୍ରୀୟ ରାଜମାର୍ଗ କରିବା, ଗ୍ରାମର ମୁଖ୍ୟ ସ୍ଥାନ ମାନଙ୍କରେ ସିସିଟିଭି ଲଗାଇବା ଏବଂ ଏକ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରିବା ନିମନ୍ତେ ବ୍ୟବସାୟୀମାନେ ଲିଖିତ ଦାବି କରିଛନ୍ତି।



# ଗୁପ୍ତେଶ୍ୱର ପୀଠରେ ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ଲୋକପ୍ରତିନିଧି


ଏକାଠି ହୋଇଥିବା ଜନ ପ୍ରତିନିଧି।

ବୈପାରିଗୁଡା, ୧୭।୮ (ଡି.ଏନ୍.ଏ)
କୋରାପୁଟ ଜିଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି ଲୋକ ପ୍ରତିନିଧି। ବୁଧବାର କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ ବିଧାୟିକା ପଦ୍ମିନ ଦିଆନ୍, ପଟାଙ୍ଗି ବିଧାୟକ ପ୍ରୀତିମ ପାଢୀ,ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋରାପୁଟ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ରାଧା ଗୋବିନ୍ଦ ସାମନ୍ତରାୟଙ୍କ ସମେତ, ବ୍ଲକ ଅଧକ୍ଷ, ଉପାଧକ୍ଷ, ୨ ଜିଲା ପରିଷଦ ସଭ୍ୟ ଏବଂ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ ଗୁପ୍ତେଶ୍ୱରଠାରେ ଏକାଠି ହୋଇଥିଲେ। ସ୍ଥାନୀୟ ବିଡିଓ ଏବଂ ତହସିଲଦାର ମଧ ଉସ୍ଥିତ ଥିଲେ । ପୀଠର ଉନ୍ନତି ନେଇ ସମସ୍ତେ ଆଲୋଚନା କରି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଭାଙ୍ଗିଛି ୧୩୪ ଘର

**ଉମରକୋଟ, ୧୭।୮(ସ୍ୱ.ପ୍ର.) :** ଲଘୁଚାପ ଜନିତ ଗତ ସପ୍ତାହରେ ହୋଇଥିବା ଲଗାଣ ବର୍ଷାରେ ନବରଙ୍ଗପୁର ଜିଲା ଉମରକୋଟ ତହସିଲ ଅଧୀନରେ ଥିବା ୯ଟି ରାଜସ୍ୱ ନିରୀକ୍ଷକ ସର୍କଲରେ ପ୍ରାୟ ୧୩୪ ଘର ଭାଙ୍ଗିଯାଇଥିବା ଉମରକୋଟ ତହସିଲଦାର ଏନ୍. ଜଗଜ୍ଜୀବନ ଚୌଧୁରୀ ସୂଚନା ଦେଇଛନ୍ତି। ଏଥିସହ କୌଣସି ଜୀବନ ହାନି ହୋଇ ନାହିଁ ଓ କେହି ଆହତ ହୋଇ ନ ଥିବା ସେ କହିଛନ୍ତି। ଘର ଭାଙ୍ଗିଥିବା ସମସ୍ତ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ପଲିଥିନ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବେହେଡାରେ ୧୧, ଚିକଲପଦରରେ ୧୭, ସୁନାବେଢ଼ାରେ ୧୨, ଉମରକୋଟରେ ୩, ବଡ଼ଭରଣ୍ଡିରେ ୩, ହୀରାପୁରରେ ୧୮, ଭାମିନୀରେ ୧୨, ସିଂସାରୀରେ ୫ ଏବଂ ସିଲାଟି ରାଜସ୍ୱ ସର୍କଲରେ ୫୩ଟି ଘର ଭାଙ୍ଗିଥିବା ସୂଚନା ମିଳିଛି। ବିସ୍ତୃତ ରିପୋର୍ଟ ୭ ଦିନ ଭିତରେ ଦାଖଲ କରିବା ପାଇଁ ସବୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ପଟ୍ଟା ଜମି ଉପରେ ଘର ନଷ୍ଟ ହୋଇଥିବା ହିତାଧିକାରୀ ହିଁ ସରକାରଙ୍କଠାରୁ କ୍ଷତିପୂରଣ ପାଇପାରିବେ ବୋଲି ତହସିଲଦାର ଚୌଧୁରୀ କହିଛନ୍ତି।

### ସ୍ୱାଧୀନତାର ଅର୍ଥ, ଉପାଦେୟତା ନେଇ ଆଲୋଚନା

**ନବରଙ୍ଗପୁର, ୧୭।୮(ବି.ପ୍ର.):** ବିଭାଜନ ବିଭୀଷିକା ସ୍ମରଣିକା ଦିବସ ପ୍ରଦର୍ଶନୀ ନବରଙ୍ଗପୁରସ୍ଥିତ ଏସ୍‌ବିଆଇରେ ପାଳିତ ହୋଇଛି। ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସୁକୁମାର ବକ୍ସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରିନ୍ସିପାଲ ତଥା ବରିଷ୍ଠ ନାଗରିକ ସଂଘ ସଭାପତି ଡକ୍ଟର ରାଧାନାଥ ବେହେରା ଉପସ୍ଥିତ ଥିଲେ। ଏବେ ମଧ ଆମେ ବିଭାଜନର ବିପଦକୁ ପରିଲକ୍ଷିତ କରୁଛୁ। ସାମ୍ପ୍ରତିକ ସମାଜରେ ଏଇ ବିଭାଜନକୁ କିପରି ଏଡ଼ାଇ ଦିଆଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟପ୍ରିୟ ଦାଶ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମରେ ନବରଙ୍ଗପୁର ଆଦିବାସୀ ନେତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପାପଡ଼ାହାଣ୍ଡି ଗୁଳିକାଣ୍ଡରେ ଶହୀଦଙ୍କ ଅବଦାନ ସମ୍ବନ୍ଧରେ ମଧ ଆଲୋଚନା କରିଥିଲେ। କେଦାର ତ୍ରିପାଠୀ ମଧ ଉଦ୍‌ବୋଧନରେ ସ୍ୱାଧୀନତାର ଅର୍ଥ, ଉପାଦେୟତା ଏବଂ ବ୍ୟକ୍ତିର ଦାୟିତ୍ୱବୋଧ ଉପରେ କହିଥିଲେ। ଶେଷରେ ସମୂହ ଜାତୀୟ ସଂଗୀତ ଗାନ କରାଯାଇଥିଲା। ସର୍ବଶେଷରେ ଜେ. ପ୍ରସାଦ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

### ଲକ୍ଷେ ଟଙ୍କା ଜରିମାନା ଆଦାୟ

**ନବରଙ୍ଗପୁର, ୧୭।୮(ବି.ପ୍ର.):** ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର କଡାକଡି ଚେକିଂ ଆରମ୍ଭ ହୋଇଛି। ବୁଧବାର ବିନା ହେଲମେଟରେ ବାଇକ୍ ଚଳାଉଥିବା ୧୯ ଓ ଲାଇସେନ୍ସ ନଥାଇ ଗାଡି ଚଳାଉଥିବା ୧୦ଜଣଙ୍କୁ ଧରାହୋଇଛି। ଦ୍ରୁତ ଗତିରେ ଯାଉଥିବା ଯୋଗୁ ୩ଜଣଙ୍କର ୩ ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଦ୍ରୁତ ଗତିରେ, ବିନା ହେଲମେଟ, ବିନା ଲାଇସେନ୍ସ ଓ ବିନା ଇନ୍ସୁରାନ୍ସରେ ଅନେକ ଗାଡି ମଟର ଚଳାଚଳ ହେଉଛି। ଏହା ଉପରେ ରୋକ ଲଗାଇବାକୁ ଏକ ପ୍ରକାର ଆକ୍ସନ ମୁଡ଼ରେ ପ୍ରଶାସନ। ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ କୋଷାଗୁମୁଡା ଥାନାଧିକାରୀଙ୍କ ସହାୟତାରେ ଗାଡିଯାଞ୍ଚ କରାଯାଇଛି। ୧ଲକ୍ଷ ୧ହଜାର ୫ଶହ ଟଙ୍କା ଜରିନାମନା ଆଦାୟ ହୋଇଛି। ୧୦ ବାଇକ ଜବତ ହୋଇଛି।

# ଲାମ୍ପ୍‌ସରେ ତାଲା ଠୁକି ଟାୟାର ଜାଳି ରାସ୍ତା ଅବରୋଧ

- ସାର ନ ମିଳିବାରୁ ତାତିଲେ ଚାଷୀ
- ବୁଝାଶୁଝା କଲା ପୋଲିସ, ଆଧାର କାର୍ଡ ପିଛା ମିଳିଲା ବସ୍ତେ ସାର

**କୋଷାଗୁମୁଡା ୧୭।୮(ଡି.ଏନ୍.ଏ.)**


ଚାଷୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ସାର ପାଇଁ ବାରମ୍ବାର ଲାମ୍ପସକୁ ଆସି ଖାଲି ହାତରେ ଫେରୁଥିବାରୁ ଚାଷୀ ଉତ୍ତ୍ୟକ୍ତ ହୋଇ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ଲାମ୍ପସ୍‌ରେ ତାଲା ପକାଇଛନ୍ତି। ଏହାପରେ ଉତ୍ତ୍ୟକ୍ତ ଚାଷୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଚଳାଚଳରେ ବାଧା ଦେଖାଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୁ ହଟିଥିଲେ।

ଚାଷୀମାନେ ପ୍ରତ୍ୟେକ ଦିନ ସାର ପାଇଁ ଆସୁଛନ୍ତି। କିନ୍ତୁ ଖାଲି ହାତରେ ଫେରୁଛନ୍ତି। କେଉଁ ଦିନ ସାର ଆସିବ ସେମାନଙ୍କୁ ଠିକ୍ ଭାବେ କୁହାଯାଉ ନାହିଁ। ଚାଷୀମାନେ ନିଜର କାମଧନ୍ଦା ଛାଡି ଆସି ନିରାଶ ହୋଇ ଫେରୁଛନ୍ତି। ଏହା ମଧ୍ୟରେ ବୁଧବାର ଲାମ୍ପସ କର୍ମଚାରୀ ଆଧାର କାର୍ଡ ଓ ଜମି ପଟ୍ଟା ଆଣିଲେ ସାର ଦିଆଯିବ ବୋଲି କହିବାପରେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଲାମ୍ପସ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ମୁଖ୍ୟ ରାସ୍ତା ବନ୍ଦ କରିବା ସହ ରାସ୍ତା ମଝିରେ ଟାୟାର ଜାଳିଥିଲେ। ଖବରପାଇ କୋଷାଗୁମୁଡା ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ଚାଷୀମାନେ ରାସ୍ତାରୁ ହଟି ଲାମ୍ପସ ପରିସରରେ ପାଟିତୁଣ୍ଡ କରିଥିଲେ। ପରେ ଚାଷୀଙ୍କୁ ଆଧାର କାର୍ଡ ପିଛା ଗୋଟିଏ ବସ୍ତା ଲେଖାଏ ସାର ଦିଆଯାଇଥିଲା। ସାର ସମସ୍ୟା ନେଇ ଅନେକ ସମୟରେ ଚାଷୀ ଆନ୍ଦୋଳନ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଚାଷୀ ଧାରକରଜ କରି ଚାଷ କାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ସମୟରେ ସାର ନ ମିଳିଲେ ବ୍ୟାପକ କ୍ଷତି ହେବ ବୋଲି ଉତ୍ତ୍ୟକ୍ତ ଚାଷୀମାନେ କହିଛନ୍ତି। ଗତ ବର୍ଷ ଅଗଷ୍ଟ ୩୧ରେ ସମାନ ଧରଣର ସମସ୍ୟା ସୃଷ୍ଟି ହୋଇଥିଲା। ଲାମ୍ପସ କାର୍ଯ୍ୟାଳୟ ଉପରେ ଚାଷୀମାନେ ଟେକା ପଥର ଫିଙ୍ଗିବା ସହ ମୁଖ୍ୟ ଫାଟକ ଭାଙ୍ଗି ଦେଇଥିଲେ। ଅନେକ ଚାଷୀ ଆହତ ମଧ ହୋଇଥିଲେ। ଚାଷୀମାନଙ୍କ ନାଁରେ କୋଷାଗୁମୁଡା ଥାନାରେ ମାମଲା ରୁଜୁ କରାଯାଇଥିଲା। ପ୍ରତ୍ୟେକ ବର୍ଷ ସାର ପାଇଁ ସମାନ ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ ସେଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ଆଗୁଆ ପଦକ୍ଷେପ ନିଆଯାଉ ନ ଥିବାରୁ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଦାବି ପୂରଣ ନ ହେଲେ ଆମରଣ ଅନଶନ ନିଷ୍ପତ୍ତି

## ଉମରକୋଟରେ କର୍ମ ନିଯୋଜନ କାର୍ଯ୍ୟାଳୟ ଖୋଲିବାକୁ ଦାବିପତ୍ର


ଉମରକୋଟ ତହସିଲଦାର ଏନ୍.ଜଗଜ୍ଜୀବନ ଦାବିପତ୍ର ଗ୍ରହଣ କରୁଛନ୍ତି।

**ଉମରକୋଟ, ୧୭।୮(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟରେ କର୍ମ ନିଯୋଜନ କାର୍ଯ୍ୟାଳୟ ପୁଣିଥରେ କାର୍ଯ୍ୟକ୍ଷମ କରିବା ଦାବିରେ ଉମରକୋଟ ସହରବାସୀ ତହସିଲଦାର ଏନ୍.ଜଗଜ୍ଜୀବନ ଚୌଧୁରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ୧୫ ଦିନ ମଧ୍ୟରେ କର୍ମ ନିଯୋଜନ କାର୍ଯ୍ୟାଳୟ ଖୋଲା ନ ଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ ୧୦ ବର୍ଷ ତଳେ ଉମରକୋଟ ସହରସ୍ଥିତ ଡିଏନ୍‌କେଠାରେ କର୍ମ ନିଯୋଜନ କାର୍ଯ୍ୟାଳୟ ଥିଲା। ଏହି ଅଫିସ ଉପରେ ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକର ଅନେକ ଯୁବତୀ ଯୁବକ ନିର୍ଭର କରୁଥିଲେ। ପ୍ରାୟ ୫ ବର୍ଷ ହେଲାଣି ଏହି ଅଫିସ ବନ୍ଦ ହୋଇ ଯାଇଛି। ଫଳରେ ଏହି ୪ ବ୍ଲକର ଯୁବତୀଯୁବକମାନେ ନବରଙ୍ଗପୁର ଜିଲା କର୍ମ ନିଯୋଜନ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଫଳରେ ଖର୍ଚ୍ଚାନ୍ତ ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଉମରକୋଟବାସୀ ଏଠାରେ ପୁଣି ଏହି କର୍ମ ନିଯୋଜନ କାର୍ଯ୍ୟାଳୟ ଖୋଲିବାକୁ ଦାବି କରୁଛନ୍ତି। କିନ୍ତୁ ଏହାର କୌଣସି ସୁଫଳ ମିଳୁନି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଉଛି। ତେଣୁ ଉମରକୋଟ ସହରବାସୀ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଉମରକୋଟରେ ଏହି କାର୍ଯ୍ୟାଳୟ ଖୋଲିବାକୁ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଶଙ୍କର ତୁରୁକ, ଟୁଲୁ ସାହୁ, କାଉନସିଲର ମୁନା ପାଢ଼ୀ, ଲଳିତ ସେଠୀ, ସୁଦେ ନନ୍ଦି, କୁନା ନାୟକ, ସତ୍ୟ ନାରାୟଣ ରାଉତ, ରାମ ନାୟକ, କର୍ଣ୍ଣ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ଜଗଦଲପୁର ବିଜୟୀ


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ଉମରକୋଟ, ୧୭।୮(ସ୍ୱ.ପ୍ର.)**

**ନେତାଜୀ ଆଜାଦ ହିନ୍ଦ୍ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଫୁଟବଲ୍ ଟୁର୍ନାମେଣ୍ଟ**

ଉମରକୋଟ ବ୍ଲକ ଅଧୀନ ୟୁଭି ୮ ନମ୍ବର ଖୁଟୁଗୁଡାସ୍ଥିତ ନେତାଜୀ ଆଜାଦ ହିନ୍ଦ୍ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୨ ଦିନିଆ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ତଥା କ୍ଲବର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏହି ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଛତିଶଗଡ଼ ରାଜ୍ୟର ଜଗଦଲପୁର ଦଳ ଏଥିରେ ଚାମ୍ପିୟନ ହୋଇଛି। ଏଥିରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ। ଛତିଶଗଡ଼ ରାଜ୍ୟର ଜଗଦଲପୁର ଓ ଓଡ଼ିଶାର ଅମ୍ବାଗୁଡା (ଜୟପୁର) ଦଳ ଫାଇନାଲରେ ପ୍ରବେଶ କରିଥିଲେ। ତେବେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ପରେ ପେନାଲ୍ଟି ଶୁଟ୍‌ରେ ଜଗଦଲପୁର ଦଳ ଅମ୍ବାଗୁଡ଼ାକୁ ହରାଇ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉମରକୋଟ ପୌରାଧକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥି, ବରିଷ୍ଠ ଓକିଲ ତଥା ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, ପୂର୍ବତନ ବରିଷ୍ଠ ଫୁଟବଲ୍ ଖେଳାଳି ତଥା ସାମାଜିକ କର୍ମୀ ଗୋପାଳ କୃଷ୍ଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ କ୍ଲବ ସଭାପତି ତାପସ ମଣ୍ଡଳ, ଉପସଭାପତି ଉଦ୍ୟୋନ ବିଶ୍ୱାସ, ସମ୍ପାଦକ ସୁକେଶ ମଣ୍ଡଳ, ସହ ସମ୍ପାଦକ ଇନ୍ଦ୍ରଜିତ ଗୋଲଦାର, କୋଷାଧକ୍ଷ ସଞ୍ଜୟ ମିସ୍ତ୍ରି, କମିଟି ସଦସ୍ୟ ଶଙ୍କର ଘରାମୀ, ଦୁର୍ଜୟ ମଣ୍ଡଳ, ନାରାୟଣ ବିଶ୍ୱାସ, ମନୋଜ ସରକାର, ଦୀପକ ମଣ୍ଡଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରି ମାମଲାରେ ୩ ଗିରଫ

**ଚନ୍ଦାହାଣ୍ଡି, ୧୭।୮(ଡି.ଏନ୍.ଏ.)**

ଗତ ସୋମବାର ବିଳମ୍ବିତ ରାତିରେ ଚନ୍ଦାହାଣ୍ଡି ଥାନା ବୋରିଗୁଡି ଗ୍ରାମରେ ଚୋର ସନ୍ଦେହରେ ପୋଲିସ ତିନି ଜଣଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କୁ ବୁଧବାର ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତକୁ ପଠାଯାଇଛି। ସେମାନେ ହେଲେ ବୋରିଗୁଡା ଗ୍ରାମର ତୁଳସିରାମ ବାରିକ, ରାଇଘର ଥାନା ମୁଣ୍ଡିବେଡା ଅଞ୍ଚଳର ନାଗେଶ ଏବଂ ଧୂପକୋଟ ଗ୍ରାମର ମନୁ ମାଝି। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ବୋରିଗୁଡା ଗ୍ରାମର ଦିବାଚନ ସାହୁଙ୍କ ଟ୍ରାକ୍ଟର ଟ୍ରଲିର କିଛି ଜିନିଷକୁ ଅଭିଯୁକ୍ତମାନେ ଚୋରି କରିନେଉଥିବା ସମୟରେ ବୋରିଗୁଡା ମୁସଲିମ ସାହିବାସୀ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଚନ୍ଦାହାଣ୍ଡି ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏନେଇ ବୋରିଗୁଡା ଗ୍ରାମର ଦିବାଚନ ସାହୁ ଚନ୍ଦାହାଣ୍ଡି ଥାନାରେ ଲିଖିତ ଏତଲା ଦେବା ପରେ ୯୬/୨୨ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ପରମାନନ୍ଦ ସୁନାନୀ କହିଛନ୍ତି। ଏଏସ୍‌ଆଇ ଲଳିତ ମୋହନ ପଣ୍ଡାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି।

## ଇଷ୍ଟ ଜୋନ୍ କ୍ରୀଡ଼ା ପ୍ରତିଯୋଗିତାରେ ଉମରକୋଟରୁ ୩ ଖେଳାଳି


ସୁଶାନ୍ତ ଶୟନ


ସୁରେନ୍ଦ୍ର ସାନ୍ତା


ମହେନ୍ଦ୍ର ସାନ୍ତା

**ଉମରକୋଟ, ୧୭।୮(ସ୍ୱ.ପ୍ର.)**

ସେପ୍ଟେମ୍ବର ୧୦ ରୁ ୧୨ ପର୍ଯ୍ୟନ୍ତ ପାଟନାରେ ଅନୁଷ୍ଠିତ ହେବାକୁଥିବା ୩୩ତମ ଇଷ୍ଟ ଜୋନ୍ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଉମରକୋଟ ଅଞ୍ଚଳର ୩ ଯୁବ ଖେଳାଳି ମନୋନୀତ ହେଇଛନ୍ତି। ୧୪ ବର୍ଷ ବର୍ଗ ବଲ୍ ଥ୍ରୋରେ ସୁଶାନ୍ତ ଶାୟାନ, ୧୮ ବର୍ଷ ବର୍ଗ ୧୦୦ ମିଟର ଦୌଡ଼ରେ ମହେନ୍ଦ୍ର ସାନ୍ତା ଓ ୧୮ ବର୍ଷ ବର୍ଗ ୪୦୦ ମିଟର ଦୌଡ଼ ପାଇଁ ସୁରେନ୍ଦ୍ର ସାନ୍ତାଙ୍କୁ ଚୟନ କରାଯାଇଛି। ରାଜ୍ୟ କ୍ରୀଡା ସଂଘ ସାଧାରଣ ସମ୍ପାଦକ ଆଶୀର୍ବାଦ ବେହେରା ନବରଙ୍ଗପୁର ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ଖେଳାଳିମାନେ କୋଚ୍ ସ୍ୱପନ ବୈରାଗୀ ଓ ଏମ୍. ବିଜୟ କୁମାରଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରକାଶ ଯେ, ଜେ.ମହେନ୍ଦ୍ର ସାନ୍ତା ଓ ସୁରେନ୍ଦ୍ରଙ୍କ ଘର ଉମରକୋଟ ଥାନା ଅଦିନକୋପେନା ଗ୍ରାମରେ। ସୁଶାନ୍ତ ଶାୟାନଙ୍କ ଘର ଅନୁଗୋଳରେ। କିନ୍ତୁ ସେ ଉମରକୋଟରେ ରହି ତାଲିମ ନେଇ ନବରଙ୍ଗପୁର ଜିଲା ପକ୍ଷରୁ ଖେଳୁଛନ୍ତି। ବର୍ତ୍ତମାନ ସୁଶାନ୍ତ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର, ସୁରେନ୍ଦ୍ର ଉମରକୋଟ ସ୍ପୋର୍ଟସ ହଷ୍ଟେଲ ଓ ମହେନ୍ଦ୍ର ରିଲାଏନ୍ସ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱରରେ ରହି ତାଲିମ ନେଉଛନ୍ତି।

# ପୂଜାରିଗୁଡ଼ାରେ ସ୍ଥିତି ଅନୁଧ୍ୟାନ କଲେ ବିଡିଓ

**ତେନ୍ତୁଳିଖୁଣ୍ଟି, ୧୭।୮(ଡି.ଏନ୍.ଏ.)**


ଅଧିକାରୀମାନେ ପୂଜାରୀଗୁଡ଼ାରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ସପ୍ତାହେ ହେଲା ବ୍ୟାପୁଛି ଝାଡ଼ାବାନ୍ତି
- ନାଳ ସଫା କରି ଅଳିଆ ଉଠାଇଲେ ସରପଞ୍ଚ, ଯୁବଗୋଷ୍ଠୀ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ପଞ୍ଚାୟତ ଅଧୀନ ଖୁଣ୍ଟିପଦର ଗ୍ରାମରେ ଏକ ସପ୍ତାହ ହେଲା ଝାଡ଼ାବାନ୍ତି ବ୍ୟାପିଛି। ବିଡିଓ ଦୁର୍ଯ୍ୟୋଧନ ଭୋଇ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମଲାଇ ପ୍ରସାଦ ପଣ୍ଡା ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗାଁର ନଳକୂପରୁ ପାଣିର ନମୁନା ସଂଗ୍ରହ କରାଯାଇଛି। ପୂଜାରୀଗୁଡ଼ା ସରପଞ୍ଚ ଓ ଯୁବ ଗୋଷ୍ଠୀ ନାଳ ସଫା କରିବା ସହ ଅଳିଆ ଉଠାଇ ଥିଲେ। ଦିନକୁ ଦିନ ରୋଗୀସଂଖ୍ୟା ବଢୁଥିବାରୁ ଜିଲାସ୍ତରରୁ ଏକ ସ୍ୱାସ୍ଥ୍ୟ ଟିମ୍ ଆସି ସେଠାରେ ଚିକିତ୍ସା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ଗ୍ରାମର ମକୁନ୍ଦ ସାନ୍ତା ପ୍ରଥମେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ପ୍ରତିଦିନ ୨ରୁ ୩ଜଣ ରୋଗୀ ଗାଁରୁ ବାହାରୁଛନ୍ତି। ଜାଣିବାପରେ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଟିମ୍ ସଜାଗ ହୋଇ ଅଛନ୍ତି। ନାଳଗୁଡ଼ିକରେ ବିଭାଗ ତରଫରୁ ଡିଡିଟି ସିଞ୍ଚନ କରାଯାଇଛି। ଅଙ୍ଗନୱାଡ଼ି ଓ ଆଶା କର୍ମୀ ଘରେ ଘରେ ବୁଲି ସଚେତନ କରୁଛନ୍ତି। ଏ ନେଇ ସିଡିଏମ୍‌ଓ କାଳିପ୍ରସାଦ ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ ତୁରନ୍ତ ଏହାର ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ନେବି ବୋଲି କହିଛନ୍ତି।

## ବେକରେ ଗାମୁଛା ବାନ୍ଧି ବୃଦ୍ଧଙ୍କ ଆତ୍ମହତ୍ୟା

**ଡାବୁଗାଁ, ୧୭।୮ (ଡି.ଏନ୍.ଏ.)**

ଡାବୁଗାଁ ଥାନା ଅଞ୍ଚଳରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଡାବୁଗାଁ ଥାନା ଅଧୀନ ଜଟିଆଗୁଡା ଗ୍ରାମର ରୂପଧର ନାୟକ (୬୫)। ମଙ୍ଗଳବାର ସନ୍ଧ୍ୟାରେ ରୂପଧର ଘରୁ ବାହାରି କେଉଁ ଆଡେ ଚାଲି ଯାଇଥିଲେ। ରାତି ପର୍ଯ୍ୟନ୍ତ ଘର ଲୋକ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ରୂପଧର ମୁଦିଗୁଡା ଗ୍ରାମ ନିକଟ ଏକ ମକା କ୍ଷେତରେ ଥିବା ଗଛରେ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତଦେହ ଦେଖି ଲୋକେ ରୁପଧରଙ୍କ ପରିବାରକୁ ଖବର ଦେଇଥିଲେ। ଏନେଇ ମୃତକଙ୍କ ପୁଅ କୈଳାସ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଥାନା ସବଇନ୍ସପେକ୍ଟର ମେନକା ସା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ମୃତକ ଜଣଙ୍କ ମାନସିକ ବିକୃତ ଥିବା ପରିବାର ଲୋକେ କହିଛନ୍ତି। ଏନେଇ ଥାନା କେସ ନଂ ୨୨/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବନ୍ୟା ଆଶ୍ରୟସ୍ଥଳୀରେ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ

**ପାପଡାହାଣ୍ଡି/ନବରଙ୍ଗପୁର, ୧୭।୮(ଡି.ଏନ୍.ଏ./ବି.ପ୍ର.)**


ଜିଲାପାଳ ବନ୍ୟା ଆଶ୍ରୟସ୍ଥଳୀର ଶୁଭାରମ୍ଭ କରୁଛନ୍ତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ମୋକିଆ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଜିଲାପାଳ କମଳଲୋଚନ ମିଶ୍ର ଏକ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିବେ ସେ ନେଇ ଉପସ୍ଥିତ ଲୋକଙ୍କୁ ଜିଲାପାଳ ବୁଝାଇଥିଲେ। ଅସମୟରେ ମାଆ ଆମକୁ ଯେମିତି ସାହାଯ୍ୟ କରନ୍ତି, ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଆମକୁ ମା' ଭଳି ଆଶ୍ରୟ ଦିଏ। ତେଣୁ ଏହାର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଜିଲାପାଳ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ସ୍ୱତନ୍ତ୍ରଭାବେ ପ୍ରଶିକ୍ଷଣ ନେଇଥିବା ଜିଲାର ଏନ୍‌ଜିଓ ଏବଂ ଗଞ୍ଜାମ ଜିଲାରୁ ଆସିଥିବା ପ୍ରଶିକ୍ଷକ ତ୍ରିଲୋଚନ ପ୍ରଧାନ ଏବଂ ଅଶୋକ ରାଉଳ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିବେ। ଏ ନେଇ ଏକ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ବିଡିଓ ରଞ୍ଜିତା ମଲ୍ଲିକ, ପାପଡ଼ାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲା ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ତ୍ରିପତି ବାଲାଜୀ ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏସ୍.ଗୀତା, ମୋକିଆ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସଭାପତି ତଥା ସରପଞ୍ଚ ଜଗଜୀବନ ନାୟକ, ସମ୍ପାଦକ ଯୁଗଳ ବିଶୋଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଚ୍ଚିଦାନନ୍ଦ ତ୍ରିପାଠୀ, ସାହାରା ଉମରକୋଟର ଅଶୋକ କୁମାର ପ୍ରଧାନ, ଇସାରା ଚନ୍ଦାହାଣ୍ଡି ରମେଶ ଚନ୍ଦ୍ର ପଣ୍ଡା, ପିଏଆର୍‌ଏସ୍ ନବରଙ୍ଗପୁର ସୂର୍ଯ୍ୟକାନ୍ତ ନାୟକ, ରାଜସ୍ୱ ନିରୀକ୍ଷକ ଦହଣା ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁମୃତ୍ୟୁ ହାରକୁ ନେଇ କ୍ଷୋଭ ପ୍ରକାଶ କଲେ ଏମ୍‌ପି

**ପାପଡାହାଣ୍ଡି, ୧୭।୮(ଡି.ଏନ୍.ଏ.)**


ବୈଠକରେ ମଞ୍ଚାସୀନ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

**ପାପଡାହାଣ୍ଡି ପଞ୍ଚାୟତ ସମିତି ବୈଠକ**

- ଠିକ୍‌ଭାବେ ବିହନ, କୀଟନାଶକ ମିଳୁ ନ ଥିବା ଅଭିଯୋଗ
- ବିଦ୍ୟୁତ୍ ବିଭାଗ କର୍ମଚାରୀ ଦରକାରବେଳେ ଫୋନ୍ ଉଠାଉ ନାହାନ୍ତି

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ପ୍ରଥମ ପଞ୍ଚାୟତ ସମିତି ବୈଠକ ବୁଧବାର ବିଡିଓ ରଞ୍ଜିତା ମଲିକଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମଲିକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ ଓ ଲିପିକା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ଗାଁରେ ବିଦ୍ୟୁତ୍ ସମସ୍ୟା ରହିଛି। ବିଭାଗୀୟ କର୍ମଚାରୀଙ୍କୁ ଫୋନ କଲେ ସେମାନେ ଉଠାଉ ନ ଥିବା ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ବିହନ, କୀଟନାଶକ ଆଦି ଠିକ୍‌ଭାବେ କାହିଁକି ମିଳୁନି ବୋଲି ସମସ୍ତେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ବିଭାଗୀୟ ଅଧିକାରୀ ଏହାର ସଠିକ ଉତ୍ତର ଦେଇ ପାରି ନ ଥିଲେ। ଶିଶୁବିକାଶ କ୍ଷେତ୍ରରେ ଥିବା ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅଙ୍ଗନୱାଡି ଅବ୍ୟବସ୍ଥା ସମ୍ପର୍କରେ କେତେକ ସଭ୍ୟ ମତ ରଖିଥିଲେ। ବିଭାଗ ପକ୍ଷରୁ କରାଯାଉଥିବା ସ୍ୱାସ୍ଥ୍ୟମେଳା ସମ୍ପର୍କରେ ସରପଞ୍ଚ କି ସାଧାରଣ ଜନତାଙ୍କୁ କାହିଁକି ଅବଗତ କରାଯାଉ ନାହିଁ ବୋଲି ପାତ୍ରୀ ସରପଞ୍ଚ ଭଗବତୀ ଭତରା ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ପାପଡ଼ାହାଣ୍ଡି ବ୍ଲକରେ ଶିଶୁ ମୃତ୍ୟୁହାର ୧୦ ରୁ ୧୨ ବୋଲି ଡାକ୍ତର ପ୍ରିୟରଞ୍ଜନ ବାହାଲି କହିଛନ୍ତି। ଜିଲାର ଅନ୍ୟ ବ୍ଲକରେ ଶିଶୁ ମୃତ୍ୟୁହାର କମ ଥିବାବେଳେ କାହିଁକି ପାପଡ଼ାହାଣ୍ଡି ବ୍ଲକରେ ୧୦ ରୁ ୧୨ ରହିଛି ବୋଲି ବିଧାୟକ ଓ ଏମ୍‌ପି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ବ୍ଲକର ଯେଉଁମାନେ କୁକୁଡ଼ା ଚାଷ ଓ ଗୋପାଳନ ନିମନ୍ତେ ଇଚ୍ଛୁକ ସେମାନେ ଦରଖାସ୍ତ କରିବେ ବୋଲି ବୈଠକରେ ଉପସ୍ଥାପନା କରାଯାଇଥିଲା। ବ୍ଲକର ୨୩ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

